# ଖୋଜା ପଡିଛି ପ୍ରଦ୍ୟୁମ୍ନ ବଳଙ୍କୁ

ମୁଁ ସତୁରି ଦଶନ୍ଧିରେ ରେଭେନ୍ସା କଲେଜରେ ପଢୁଥିବା ସମୟରୁ ସମ୍ମାନୀୟ ପ୍ରଦ୍ୟୁମ୍ନ ବଳଙ୍କ ନାମ ଶୁଣିଥିଲି । ସେତେବେଳେ ସେ କଂଗ୍ରେସ ଦଳ ଭିତରେ ଇନ୍ଦିରା ଗାନ୍ଧିଙ୍କ ପ୍ରଗତିଶୀଳ କାର୍ଯ୍ୟକ୍ରମର ଛାମୁବାହିନୀ ଥିବା 'ତରୁଣ ତୁର୍କୀ' ଗୋଷ୍ଠୀର ଜଣେ ଟାଣୁଆ ପ୍ରବକ୍ତା ଥିଲେ । କିନ୍ତୁ କିଛିବର୍ଷ ପରେ ପୁଣି ଆମେ ଜାଣିବାକୁ ପାଇଥିଲୁ, ଇନ୍ଦିରା ଗାନ୍ଧିଙ୍କ ଦ୍ୱାରା ଦେଶରେ ଆଭ୍ୟନ୍ତରୀଣ ଜରୁରୀ ପରିସ୍ଥିତି ଜାରି ଏବଂ ଗଣତାନ୍ତ୍ରିକ ଅଧିକାର ଓ ନାଗରିକ ସ୍ୱାଧୀନତାର ପ୍ରତ୍ୟାହାରକୁ ବିରୋଧ କରି ସେ କଂଗ୍ରେସ ଦଳ ପରିତ୍ୟାଗ କରିଥିଲେ ଏବଂ ଜନତାଦଳ ଶିବିରରେ ଯୋଗ ଦେଇଥିଲେ ।

ସେହି ସତୁରି ଦଶନ୍ଧିରେ ହିଁ କଟକରେ 'ପ୍ରଗତିବାଦୀ' ଯାହାକି ଆଜି ରାଜ୍ୟର ଏକ ପ୍ରମୁଖ ଦୈନିକ କାଗଜ, ଗୋଟିଏ ସାମୟିକ ମୁଖପତ୍ର ରୂପେ ତାଙ୍କ ଦ୍ୱାରା ପ୍ରତିଷ୍ଠା ଲାଭ କରିଥିଲା । ଆମେ ସେତେବେଳେ ରାଜ୍ୟରେ ଏସ୍.ୟୁ.ସି.ଆଇ. ଦଳର ଛାତ୍ର ସଂଗଠନ ଡି.ଏସ୍.ଓ.କୁ ଗଢି ତୋଳୁଥିଲୁ, ଯାହାର ଦୃଷ୍ଟିଭଙ୍ଗୀ  ଓ କାର୍ଯ୍ୟଧାରା କେବଳ ଯେ କଂଗ୍ରେସ୍, ଜନତାଦଳ ଓ ଜନସଂଘ ଇତ୍ୟାଦି ଦଳମାନଙ୍କର ଛାତ୍ର ସଂଗଠନ ଠାରୁ ନିଆରା ଥିଲା ତାହା ନୁହେଁ, ଏପରିକି ସୁପରିଚିତ ବାମପନ୍ଥୀ ଛାତ୍ର ସଂଗଠନ ଯଥା ଏ.ଆଇ.ଏସ୍.ଏଫ୍. ଏବଂ ଏସ୍.ଏଫ୍.ଆଇ. ଠାରୁ ମଧ୍ୟ ଭିନ୍ନ ଥିଲା । ଯଦିଓ ଡି.ଏସ୍.ଓ. ଯାବତୀୟ କଂଗ୍ରେସ୍-ବିରୋଧୀ ଆନ୍ଦୋଳନ ସହ ଜଡିତ ଥିଲା ଏବଂ ନିଜକୁ ଏକ ସଚ୍ଚା ବାମପନ୍ଥୀ ଛାତ୍ରସଂଗଠନ ରୂପେ ଦାବୀ କରୁଥିଲା, କିନ୍ତୁ କି ବାମପନ୍ଥୀ କି ଦକ୍ଷିଣପନ୍ଥୀ ପ୍ରାୟ ସମସ୍ତ ଛାତ୍ର ସଂଗଠନ ଏହାକୁ ଏକ ଗୋଠଖଣ୍ଡିଆ ସଂସ୍ଥା ବୋଲି ମନେ କରୁଥିଲେ । ଏହିଭଳି ଏକ ସ୍ଥିତିରେ ଆମ ରାଜ୍ୟରେ ନୂଆ କରି ମୁଣ୍ଡ ଟେକୁଥାଏ ଆଉ ଏକ ଛାତ୍ର ସଂଗଠନ, ଯାହାର ନାମ ଥିଲା ପ୍ରଗତିବାଦୀ ଛାତ୍ର ୟୁନିୟନ୍ (ପି.ଏସ୍.ୟୁ.) ଏବଂ ଯାହାକି ପ୍ରଦ୍ୟୁମ୍ନ ବଳଙ୍କ ପ୍ରେରଣାରେ ପ୍ରତିଷ୍ଠା ଲାଭ କରିଥିଲା । ପଞ୍ଚୁଭାଇ (ଶ୍ରୀ ପଞ୍ଚାନନ କାନୁନ୍‌ଗୋ) ସେତେବେଳେ ଏହାର ଜଣେ ବଳିଷ୍ଠ ପ୍ରବକ୍ତା ଥାଆନ୍ତି ଓ ତାଙ୍କ ସହ ମୋର ଯୋଗାଯୋଗ ଥାଏ । ମୋର ମନେ ଅଛି, ଅନ୍ୟମାନେ ଡି.ଏସ୍.ଓ.କୁ ଏକ ଗୋଠଖଣ୍ଡିଆ ସଂଗଠନ ବୋଲି ମନେ କରୁଥିଲେ ହେଁ, ପି.ଏସ୍.ୟୁ. ସହ ଆମର ଏକ ସ୍ୱାଭାବିକ ସାଂଗଠନିକ ସଂପର୍କ ଅବ୍ୟାହତ ଥିଲା । ପୁଣି ମନେ ଅଛି, ମୁଁ ଓ ଆମର ଡି.ଏସ୍.ଓ.ର କର୍ମୀମାନେ ଯେତେବେଳେ କଟକର 'ପ୍ରଗତିବାଦୀ' କାର୍ଯ୍ୟାଳୟକୁ କୋଣସି ସମ୍ବାଦ ଦେବାକୁ ଯାଉଥିଲୁ, ସେତେବେଳେ ସେଠାରେ ଆମେ ଏକ ଉଷ୍ମ ସହୃଦୟତା ଅନୁଭବ କରୁଥିଲୁ ।

ରବି ଭାଇ (ଶ୍ରୀ ରବି ଦାସ) ଯେ କି ସେତେବେଳେ 'ପ୍ରଗତିବାଦୀ'ର ଯାବତୀୟ ଦାୟିତ୍ୱ ବହନ କରୁଥିଲେ ଏବଂ ଯେ କି ପ୍ରାୟତଃ ସର୍ବଦା 'ପ୍ରଗତିବାଦୀ' କାର୍ଯ୍ୟାଳୟରେ ଉପସ୍ଥିତ ରହୁଥିଲେ, ସେ ଆମକୁ ବସାଇ ଛାତ୍ର ରାଜନୀତି ବିଷୟରେ ନାନାଦି କଥା ପଚାରୁଥିଲେ ଏବଂ ପରାମର୍ଶ ଦେଉଥିଲେ । ସେତେବେଳ ଠାରୁ ଲଗାତାର ଭାବେ ରାଜ୍ୟରେ ପ୍ରଦ୍ୟୁମ୍ନ ବଳ ଓ ରବି ଦାସଙ୍କୁ ରାମ-ଲକ୍ଷ୍ମଣ ଯୋଡି ବୋଲି କୁହାଯାଉଥିବାର ଆମେ ଅନେକ ମହଲରୁ ଶୁଣିଛୁ । ମୋର ପ୍ରଦ୍ୟୁମ୍ନ ବଳଙ୍କ ସହ ପ୍ରତ୍ୟକ୍ଷ ଯୋଗାଯୋଗ ନଥିଲେ ହେଁ ରବି ଦାସଙ୍କ ଉଦାରମନା ଓ ଖୋଲା-ମିଜାସ ଆଚରଣରୁ ଆମେ ଧରି ନେଉଥିଲୁ ଯେ, ପ୍ରଦ୍ୟୁମ୍ନ ବଳ ନିଶ୍ଚିତ ରୂପେ ରବି ଦାସଙ୍କ ବ୍ୟକ୍ତିତ୍ୱର ଏକ ବୃହତ୍ତର ସଂସ୍କରଣ ହୋଇଥିବେ । କିନ୍ତୁ ଏହା ମୋର ଏକ ଦୁର୍ଭାଗ୍ୟ, ମୁଁ ତାଙ୍କର ନିକଟସ୍ଥ ବ୍ୟକ୍ତିମାନଙ୍କ ସାନ୍ନିଧ୍ୟ ଲାଭ କରିଥିଲେ ହେଁ  ସିଧାସଳଖ ପ୍ରଦ୍ୟୁମ୍ନ ବଳଙ୍କ ସହ କାମ କରିବାର କିମ୍ବା ସମୟ କଟାଇବାର ଅବକାଶ ପାଇ ପାରିନାହିଁ । ପରବର୍ତ୍ତୀ ଅବସ୍ଥାରେ ମୁଁ ତାଙ୍କୁ ମୋର ଶଶୁର ରବି ଦାସ (ପୂର୍ବତନ ନକ୍ସଲପନ୍ଥୀ ଏବଂ ସଂପ୍ରତି ସର୍ବୋଦୟ ପନ୍ଥୀ)ଙ୍କ ବ୍ୟକ୍ତିଗତ ବନ୍ଧୁ ବୋଲି ଜାଣିଥିଲେ ହେଁ ଏବଂ ଅଞ୍ଜନା ମିଶ୍ର ଧର୍ଷଣ ବିରୋଧୀ ଆନ୍ଦୋଳନ ସମୟରେ ତାଙ୍କୁ ମୋର ବଡ ଭଉଣୀ ଶୈଳପା'ଙ୍କ ଅନୁଷ୍ଠାନ ବସୁନ୍ଧରାରେ ନିକଟରୁ ଦେଖିଥିଲେ ହେଁ, ତାଙ୍କର ବ୍ୟକ୍ତିଗତ ସଂପର୍କ ବଳୟକୁ ମୁଁ କେଜାଣି କେମିତି ଆସି ପାରିନଥିଲି । ବୋଧହୁଏ, ତାଙ୍କର ଅନୁଜ-ପ୍ରତିମ ଏବଂ ଘନିଷ୍ଠତମ ସହଯୋଗୀ ଶ୍ରୀ ରବି ଭାଇଙ୍କ ସହ ଲଗାତାର ଅଳ୍ପ-ବହୁତ ସଂପର୍କ ବଜାୟ ରହୁଥିବାରୁ ପ୍ରଦ୍ୟୁମ୍ନ ବଳଙ୍କ ସହ ସ୍ୱତନ୍ତ୍ର ଭାବେ ସଂପର୍କୀତ ହେବାର ଉତ୍କଣ୍ଠା ଅନେକାଂଶରେ ସ୍ୱତଃ ପ୍ରଶମିତ ହୋଇଯାଉଥିଲା । ଏଠାରେ ଉଲ୍ଲେଖନୀୟ ଯେ, ଯେତେବେଳେ ମୁଁ ଜାଣିବାକୁ ପାଇଲି, ଶ୍ରୀ ରବି ଭାଇ ଆଉ ପ୍ରଦ୍ୟୁମ୍ନ ବଳଙ୍କ 'ପ୍ରଗତିବାଦୀ'ର ସଂପାଦନା କରୁନାହାନ୍ତି ଏବଂ ଅନ୍ୟପଟରେ ନିଜେ ଆରମ୍ଭ କରିଥିବା ଆଉ ଏକ ନୂଆ ଓଡିଆ ଦୈନିକ

'ପର୍ଯ୍ୟବେକ୍ଷକ'ର ସଂପାଦକ ହୋଇଛନ୍ତି, ସେତେବେଳେ ସେହି ଘଟଣା କେବଳ ମୋ ପାଇଁ ନୁହେଁ ସେହି ଦୁଇଜଣଙ୍କ ଦୁର୍ଲ୍ଲଭ ଯୋଡି ସମ୍ବନ୍ଧରେ ଜାଣିଥିବା ସାରା ରାଜ୍ୟର ଅସଂଖ୍ୟ ବ୍ୟକ୍ତିବିଶେଷଙ୍କ ପାଇଁ ଏକ ବିଷର୍ଣ୍ଣ ବିସ୍ମୟ ଥିଲା ।

ସତ କହିବାକୁ ଗଲେ, ଆଜି ପ୍ରଦ୍ୟୁମ୍ନ ବଳଙ୍କୁ ମୋ ଭଳି ଅନେକ ସ୍ୱାଧୀନମନା ଲୋକ ମନେମନେ ଖୋଜୁଛନ୍ତି । ଏହାର ପୃଷ୍ଠଭୂମି ହେଲା, କନ୍ଧମାଳ ଦଙ୍ଗାକୁ କେନ୍ଦ୍ର କରି ଆମ ରାଜ୍ୟରେ ସୃଷ୍ଟି ହୋଇଥିବା ଏକ ଅଭାବନୀୟ ଏବଂ ଅବାଂଛିତ ପରିସ୍ଥିତି, ଯେଉଁଥି ପାଇଁ କି ଓଡିଶା କେବଳ ଆମ ଦେଶ ଭିତରେ ନୁହେଁ, ବରଂ ସାରା ପୃଥିବୀରେ ଭର୍ତ୍ସିତ ହୋଇଚାଲିଛି । ଯଦି ଅଭିଯୋଗ ଉଠିଛି ଯେ, ଜଣେ ଆଦିବାସୀ ସିଷ୍ଟର୍‌ଙ୍କୁ ୪୦/୫୦ ଜଣ ଦୁର୍ବୃତ୍ତଙ୍କ ସହଯୋଗରେ ଜଣେ ବ୍ୟକ୍ତି ଧର୍ଷଣ କଲେ ଏବଂ ତା'ପରେ ତାଙ୍କୁ ଅର୍ଦ୍ଧ-ଉଲଗ୍ନ ଅବସ୍ଥାରେ ସେମାନେ ଏକ କି.ମି. ସରିକି ରାଜରାସ୍ତାରେ ସ୍ପଷ୍ଟ ଦିବାଲୋକରେ ଚଲାଇ ଚଲାଇ ଆଣିଲେ ଏବଂ ଏହା ସହିତ ଜଣେ ପିତା ବୟସର ଧର୍ମଙ୍କ ବ୍ୟକ୍ତିଙ୍କୁ ମାରଧର କରିବା ସହିତ ଆଣ୍ଠୋଇବାକୁ ବାଧ୍ୟ କରି ଘୋଷାଡି ଘୋଷାଡି ଆଣିଲେ ଏବଂ ଏସବୁ ଘଟିଲା ରାଜ୍ୟର ପୋଲିସ୍ ବାହିନୀଙ୍କ ଉପସ୍ଥିତିରେ, ତେବେ ଏହା କ'ଣ ଏକ ଯଥେଷ୍ଟ ମର୍ମନ୍ତୁଦ ଘଟଣା ନୁହେଁ ସି.ବି.ଆଇ. ତଦନ୍ତ ପାଇଁ ? କିନ୍ତୁ ଦେଖାଗଲା, ମୁଷ୍ଟିମେୟ ବ୍ୟକ୍ତବିଶେଷଙ୍କୁ ବାଦ୍ ଦେଲେ, କି ସରକାରୀ କି ବିରୋଧୀ ଦଳ କେହି ଦୃଢ ଭାବେ ସ୍ୱର ଉତ୍ତୋଳନ କଲେ ନାହିଁ ସି.ବି.ଆଇ. ତଦନ୍ତ ପାଇଁ । ଅଧିକ ଲଜ୍ଜାଜନକ ହେଲା, ରାଜ୍ୟର ପ୍ରମୁଖ ଗଣମାଧ୍ୟମ ଗୁଡିକର କି ସଂପାଦକ କି ସ୍ତମ୍ଭକାର, କେହି ଏହି ଅଶ୍ରୁତ-ପୂର୍ବ ଅଘଟଣର ଅପରାଧୀମାନଙ୍କୁ ଦୃଷ୍ଟାନ୍ତଯୋଗ୍ୟ ଶାସ୍ତି ପାଇଁ ଦାବୀ କଲେନାହିଁ ଏବଂ ଅନ୍ୟପକ୍ଷରେ 'ହିନ୍ଦୁଧର୍ମ'କୁ ବଂଚାଇବାର ଆତ୍ମଘାତୀ ବାହାନା ନେଇ ସେହି ପାଷାଣ୍ଡମାନଙ୍କୁ ଘଷ୍ଟଘୋଡାଇବାର ପ୍ରତିଯୋଗିତାରେ ମାତିଗଲେ; ଏବଂ କେବଳ ଏତିକି ନୁହେଁ, ଯେଉଁ ଘଟଣାଟି ସ୍ପଷ୍ଟ ଦିବାଲୋକରେ ଅଗଣିତ ଜନତାଙ୍କ ସାମନାରେ ଘଟିଛି, ତାହା ଭିତିହୀନ ବୋଲି କହିବା ସହିତ ଅଭିଯୋଗକାରିଣୀ ଜଣେ ଦୁଷ୍ଚରିତ୍ରା ଏବଂ ମିଥ୍ୟାବାଦିନୀ ବୋଲି ମନଗଢା କାହାଣୀମାନ ଛାପିବାକୁ ଲାଗିଲେ ? ଜଘନ୍ୟ ସାଂପ୍ରଦାୟିକତାର ଭୂତାଣୁ ଦ୍ୱାରା ସଂକ୍ରମିତ ଏହି ସାମ୍ବାଦିକ ଏବଂ ସ୍ତମ୍ଭକାରମାନେ ଭୁଲିଗଲେ, ସେମାନଙ୍କର ଏହି କପୋଳକଳ୍ପିତ ହିନ୍ଦୁପ୍ରୀତି, ଯାହା ସହିତ ପ୍ରକୃତ ହିନ୍ଦୁଶାସ୍ତ୍ର ବା ହିନ୍ଦୁଧର୍ମର ବିନ୍ଦୁବିସର୍ଗ ସଂପର୍କ ନାହିଁ, ତାହା ଭାରତ ଏବଂ ହିନ୍ଦୁଧର୍ମର ଗାରିମାକୁ ବିଶ୍ୱମାନସରେ ତଳିତଳାନ୍ତ କରିବାକୁ ଯାଉଛି । ଏପରିକି ପଣ୍ଡିତ ଗୋପବନ୍ଧୁ ଦାସ, ଯେ ଗାଇଥିଲେ, 'ନିଜ ସ୍ୱାର୍ଥ ପାଇଁ ଜାତ ନୁହେଁ ହିନ୍ଦୁ, ବିଶ୍ୱ ହିତେ ହିନ୍ଦୁ ପ୍ରତି ରକ୍ତବିନ୍ଦୁ' ତାଙ୍କ ଦ୍ୱାରା ପ୍ରତିଷ୍ଠିତ କାଗଜରେ ଉପରୋକ୍ତ ଧର୍ଷିତାଙ୍କ ସମ୍ବନ୍ଧରେ ଅଶ୍ଳୀଳ ଓ କୁତ୍ସିତ ଚିତ୍ରଣ ସହିତ ଭାରତମାତା ଓ ହିନ୍ଦୁତ୍ୱର ଜୟଧ୍ୱନି ଦେଇ ଧର୍ଷଣ କରିଥିବା ଦୁର୍ବୃତ୍ତମାନଙ୍କୁ ନିରପରାଧ ବୋଲି ଦର୍ଶାଇବାର ଜଘନ୍ୟ ଅପଚେଷ୍ଟା ହେଲା ।

ଠିକ୍ ଏହି ସମୟରେ ଆମର ମନେ ପଡିଲା ସମ୍ମାନୀୟ ପ୍ରଦ୍ୟୁମ୍ନ ବଳଙ୍କ କଥା । ଯଦି ତାଙ୍କ ଭଳି ଜଣେ ନିପରୁଆ ଓ ସ୍ପଷ୍ଟବାଦୀ ଦୈନିକ କାଗଜର ସମ୍ପାଦକ ଥାଆନ୍ତେ, ତେବେ ସେ ଏମିତି ଶାଣିତ ଏବଂ ବଳିଷ୍ଠ ଭାବେ ଏହି ସିଷ୍ଟର୍ ଧର୍ଷଣ ଘଟଣାକୁ ଉପସ୍ଥାପନ କରି ଥାଆନ୍ତେ, ଯଦ୍ଦ୍ୱାରା କେବଳ ଅନ୍ୟ ସମ୍ବାଦପତ୍ର ନୁହଁନ୍ତି, ବରଂ ସରକାରଙ୍କ ବେଦାୟିତ୍ୱ ଉଚ୍ଚବାଚ ମଧ୍ୟ ତୁନି ପଡି ଯାଇଥାନ୍ତା । କାରଣ, ଆମେ ଦେଖିଛେ, ଅଞ୍ଜନା ମିଶ୍ର ଉପରେ ଧର୍ଷଣ ଘଟିବା ପରେ ତଦାନୀନ୍ତନ ରାଜ୍ୟ ସରକାର ଓ ମୁଖ୍ୟମନ୍ତ୍ରୀ ତଥା ସେମାନଙ୍କର କେତେକ ଗୋଡାଣିଆ ରାଜନେତା ଏବଂ ସମ୍ବାଦପତ୍ର ମଧ୍ୟ ଅଞ୍ଜନା ମିଶ୍ରଙ୍କ ବ୍ୟକ୍ତିଗତ ଚରିତ୍ର ଉପରେ କୁତ୍ସା ରଟନା କରି ଧର୍ଷଣକୁ ଅସତ୍ୟ ବୋଲି ସାବ୍ୟସ୍ତ କରିବାକୁ ଆପ୍ରାଣ ଅପଚେଷ୍ଟା କରିଥିଲେ । କିନ୍ତୁ ପ୍ରଦ୍ୟୁମ୍ନ ବଳ ସେତେବେଳେ ନିଜ ସ୍ୱାକ୍ଷରରେ 'ପ୍ରଗତିବାଦୀ'ର ସମ୍ମୁଖ ପୃଷ୍ଠାରେ ଲଗାତାର ଭାବେ ଏବଂ ମର୍ମସ୍ପର୍ଶୀ ଭାଷାରେ ମୁଖ୍ୟମନ୍ତ୍ରୀଙ୍କୁ ଆହ୍ୱାନ୍ କରି ଏମିତି ଲମ୍ବାଲମ୍ବା ଆଲେଖ୍ୟମାନ ଉପସ୍ଥାପନ କରୁଥିଲେ, ଯାହା ଫଳରେ ଶାସନକଳର ବ୍ୟାପକ ପ୍ରୋତ୍ସାହନ ସତ୍ତ୍ୱେ ସଂପୃକ୍ତ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀଙ୍କର 'ତିନି ତୁଣ୍ଡରେ ଛେଳି କୁକୁର' ଦୁରଭିଯାନ ଅଚିରେ ଧୂଳିସାତ୍ ହୋଇପାରିଥିଲା । ନିର୍ଯ୍ୟାତିତା ଓ ଧର୍ଷିତା ଅଞ୍ଜନା ମିଶ୍ରଙ୍କୁ ସବାଶେଷରେ ନ୍ୟାୟ ମିଳିବା କ୍ଷେତ୍ରରେ ପ୍ରଦ୍ୟୁମ୍ନ ବଳଙ୍କ ଅନପୋଷ କଲମ ଚାଳନା ଓଡିଶାର ସାମ୍ବାଦିକତା ଇତିହାସରେ ଏକ ଗୌରବୋଜ୍ଜ୍ୱଳ ଅଧ୍ୟାୟ ରୂପେ ବିବେଚିତ ହେଉଥିବ, ଏଥିରେ ସନ୍ଦେହ ନାହିଁ । ଠିକ୍ ଏହି କାରଣରୁ ବର୍ତ୍ତମାନ ଖୋଜା ପଡିଛି ପ୍ରଦ୍ୟୁମ୍ନ ବଳଙ୍କ ଭଳି ଜଣେ ସମ୍ବାଦକ ବା ସ୍ତମ୍ଭକାରଙ୍କୁ , ଯେ କି ତାଙ୍କର ଦ୍ୱିଧାହୀନ ଲେଖନୀ ଚାଳନା ଦ୍ୱାରା କନ୍ଧମାଳର ସିଷ୍ଟର୍ ମୀନାଙ୍କୁ ନ୍ୟାୟ ଦିଆଇ ପାରିବେ ଏବଂ ଦୁର୍ବୃତ୍ତମାନଙ୍କର ଶାସ୍ତିବିଧାନ କରାଇପାରିବେ ।

Chitta Behera, 4A Jubilee Tower, Choudhury Bazar, Cuttack-9, Ph- 9437577546, dt- 4th Nov. 08